**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**3 September– 2026**

# ପିଏମ୍-ଜଳଶକ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସହରୀକରଣ ଯୋଗୁଁ ସୃଷ୍ଟି ହୋଇଥିବା ଆହ୍ୱାନଗୁଡ଼ିକର ମୁକାବିଲା ଦିଗରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସଚେତନ ହେବା ଲାଗି ପରାମର୍ଶ ଦେଇଛନ୍ତି । ନୂଆଦିଲ୍ଲୀରେ ଜଳଶକ୍ତି ମନ୍ତ୍ରଣାଳୟଦ୍ୱାରା ଆୟୋଜିତ ଦୁଇଦିନିଆ ବିଭାଗୀୟ ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ଜଳ ସଂରକ୍ଷଣ ପାଇଁ ପ୍ରଯୁକ୍ତିବିଦ୍ୟାର ବହୁଳ ବ୍ୟବହାର ଜରୁରୀ ହୋଇପଡ଼ିଛି । ଏହାର ଉପଯୁକ୍ତ ସମାଧାନ ପାଇଁ ଭାରତୀୟ ନିର୍ମାତା ଓ ଅଂଶୀଦାରମାନଙ୍କୁ ବିଶ୍ୱସ୍ତରୀୟ ଉତ୍ପାଦ ଲୋକଲୋଚନକୁ ଆଣିବା ଲାଗି ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି ।

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଜଳ ଭିତ୍ତିଭୂମିର ବିକାଶ ଓ ଜଳସେଚନ ସଫଳତା ଉପସ୍ଥାପନ କରିଛନ୍ତି । ଗତ ୨ ବର୍ଷରେ ରାଜ୍ୟରେ ୫୪ ହଜାର କୋଟି ଟଙ୍କାର ଜଳ ଭିତ୍ତିଭୂମି ମଞ୍ଜୁର ହେବା ସହ ୩ଲକ୍ଷ ୨୦ହଜାର ହେକ୍ଟର ଚାଷ ଜମିରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଥିବା ଶ୍ରୀ ମାଝୀ କହିଛନ୍ତି ।

## ସାର ଯୋଗାଣ-ସ୍କ୍ୱାର୍ଡ ଗଠନ

ରାଜ୍ୟର ସମସ୍ତ ସାର ବିକ୍ରୟ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ସାର ଯୋଗାଣ କ୍ଷେତ୍ରରେ ବିଭିନ୍ନ ଅନୈତିକ କାର୍ଯ୍ୟକଳାପକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଜିଲ୍ଲା ଓ ବ୍ଲକସ୍ତରରେ ନିରୀକ୍ଷଣ ଦଳ ଓ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଗଠନ କରାଯାଇଛି । ଏହି ଦଳଗୁଡ଼ିକ ବିଭିନ୍ନ ପାଇକାରୀ ଓ ଖୁଚୁରା ସାର ଦୋକାନରେ ନିୟମିତ ଚଢ଼ଉ କରୁଛନ୍ତି । କୌଣସି ଅନିୟମିତତା ଚିହ୍ନଟ ହେଲେ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ ଅନୁଯାୟୀ ତୁରନ୍ତ ପଦକ୍ଷେପ ନିଆଯାଉଛି । ଚଳିତ ଆର୍ଥିକ ବର୍ଷରେ ଏ ପର୍ଯ୍ୟନ୍ତ ୨ହଜାର ୭୭୪ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ସହ ୩୨୧ଜଣ ଡିଲରଙ୍କ ସାର ବିକ୍ରିକୁ ସାମୟିକ ଭାବେ ବନ୍ଦ କରାଯାଇଥିବା ଜଣାପଡିଛି ।

## କ୍ରାଇମ୍‌ବ୍ରାଞ୍ଚ-ବୈଠକ

ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରକୁ ଆଦର୍ଶ ସଡ଼କ ସୁରକ୍ଷା ସହର ଭାବେ ଗଢ଼ି ତୋଳାଯିବ । ଏନେଇ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ କଟକସ୍ଥିତ କ୍ରାଇମ୍‌ବ୍ରାଞ୍ଚ ସମ୍ମିଳନୀ କକ୍ଷରେ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା ବୈଠକରେ ଆଲୋଚନା ହୋଇଛି । ବୈଠକରେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି, ଡିଜିଟାଲ ମାଧ୍ୟମରେ ପ୍ରଚାର, ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ କରାଯାଇ

ରାସ୍ତାର ଉନ୍ନତ ଡିଜାଇନ୍, ହେଲମେଟ୍ ଓ ସିଟ୍‌ବେଲ୍ଟ ନିୟମର କଡାକଡି ଅନୁପାଳନ ସହ ଅନ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା ।

## ଉଷା ପାଢ଼ୀ-ସମ୍ମିଳନୀ

ସହରୀ ଗମନାଗମନରେ ଲିଙ୍ଗଗତ ମୁଖ୍ୟ ଧାରା କେବଳ ନୀତି ଓ ଦସ୍ତାବିଜ୍‌ରେ ସୀମିତ ରହିବା ଆବଶ୍ୟକ ନୁହେଁ ବୋଲି  ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି । ଭୁବନେଶ୍ୱରରେ ଶକ୍ତି ସମ୍ମିଳନୀ ଓ ନେତୃତ୍ୱ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଶ୍ରୀମତୀ ପାଢ଼ୀ କହିଛନ୍ତି ଯୋଜନା ପ୍ରସ୍ତୁତିଠାରୁ ଆରମ୍ଭ କରି ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକାରୀତା ଓ ସେବା ପ୍ରଦାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଏହା ପ୍ରତିଫଳିତ ହେବା ଆବଶ୍ୟକ । ସମ୍ମିଳନୀରେ ୨୫ଟି ରାଜ୍ୟର ମହିଳା ଓ ଶିଶୁବିକାଶ ବିଭାଗର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

## ଶ୍ରୀମନ୍ଦିର-ସ୍ୱତନ୍ତ୍ର ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କର ଗର୍ଭଉଦକ ବନ୍ଦାପନା ନୀତି ସମେତ ଗୁରୁବାର ମାଜଣା ଓ ଜେଉଟ ଭୋଗ ଭଳି ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ । ଆସନ୍ତାକାଲି ଜନ୍ମାଷ୍ଟମୀ । ଏହାପୂର୍ବରୁ ଆଜି ସନ୍ଧ୍ୟାଆଳତୀ ବେଶରେ ତିନି ଦିଅଁ ଛଅ ମୂର୍ତ୍ତି ଅଳଙ୍କାର ଲାଗି ହେବେ । ସନ୍ଧ୍ୟାଧୂପ ପୂଜା

ପରେ ଭିତରେ ପାଣିପଡି ଧୋପଖାଳନୀତି ପରେ ଜଳବିଜୟ ଦ୍ୱାର ବନ୍ଦ ହେବ ।

## ପରିଦର୍ଶନ

ରାଜ୍ୟ ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ରାୟଗଡା ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଆବାସିକ ବିଦ୍ୟାଳୟ, ହଷ୍ଟେଲ ଓ ଶିଶୁଯତ୍ନ ଅନୁଷ୍ଠାନ ବୁଲି ଦେଖିଛନ୍ତି । ଶ୍ରୀମତୀ ପାତ୍ର ଶିଶୁମାନଙ୍କ ସୁରକ୍ଷା, ରହଣି, ଶିକ୍ଷା, ସ୍ୱାସ୍ଥ୍ୟ ଓ ସେମାନଙ୍କ ଅଧିକାର ସୁରକ୍ଷା ସମ୍ପର୍କରେ ବିଭିନ୍ନ ସ୍ଥାନରେ ଅନୁଧ୍ୟାନ କରିଥିଲେ ।

## ବୈଠକ

ଖୋର୍ଦ୍ଧା ପଞ୍ଚାୟତ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଖୋର୍ଦ୍ଧା ବ୍ଲକର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ସରକାରୀ ଯୋଜନାର ପ୍ରଗତି ଓ ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି । ଜନସାଧାରଣଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

## ବନ୍ୟା-ପାଣିପାଗ

ଲଘୁଚାପର ପ୍ରଭାବରେ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବନ୍ୟାସ୍ଥିତି ଜାରି ରହିଛି । ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି

ପାଇବା ଯୋଗୁଁ ବାଲେଶ୍ୱର, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲା ବିଶେଷକରି ପ୍ରଭାବିତ ହୋଇଛନ୍ତି । ବାଲେଶ୍ୱରର ୨୦୦ରୁ ଊର୍ଦ୍ଧ୍ୱ ଗାଁ ଜଳବନ୍ଦୀ ହେବା ସହ ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲାର ୧୪୬ଟି ଗ୍ରାମ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ଘଣ୍ଟା ଭିତରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ଆଜି ସକାଳ ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ୨ଟି ଗେଟ୍ ଦେଇ ୬୨୭ ଦଶମିକ ୧/୯ ଘନଫୁଟ ଜଳ ନିଷ୍କାସିତ ହେଉଛି ।

## ବ୍ୟାଡମିଣ୍ଟନ

ଭୁବନେଶ୍ୱର ପୋଖରୀପୁଟ ଇନ୍‌ଡୋର ଷ୍ଟାଡିୟମଠାରେ ଆଜିଠାରୁ ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହେଉଛି । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାରେ ଓଡ଼ିଶା ସମେତ ୬ଟି ରାଜ୍ୟର ୨୨୦ରୁ ଊର୍ଦ୍ଧ୍ୱ ଖେଳାଳି ଯୋଗଦେବେ । ଏଥିରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ବିଭିନ୍ନ ଏକକ, ଯୁଗଳ ଓ ମିଶ୍ରିତ ବର୍ଗରେ ପ୍ରତିଯୋଗିତାମାନେ ଆୟୋଜିତ ହେବ ।